# NATIONAL NEWS BULLETIN (ODIA)

**5 October - 2023**

**Mid Bulletin : 1.50 p.m.**

---

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ରାଜସ୍ଥାନ' ଭାରତର ପୁରାତନ ଗୌରବ, ବୀରତ୍ୱ, ସମୃଦ୍ଧି ଓ ସଂସ୍କୃତିକୁ ଜୀବିତ ରଖିଛି ।
- ପ୍ରଧାନମନ୍ତ୍ରୀ ରାଜସ୍ଥାନରେ ୫ ହଜାର କୋଟି ଟଙ୍କା ସମ୍ବଳିତ ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓ ଉତ୍ସର୍ଗ କରିଛନ୍ତି ।
- ଦିଲ୍ଲୀ ଅବକାରୀ ନୀତି ମାମଲାରେ ଆମ୍ ଆଦ୍‌ମୀ ପାର୍ଟି ସାଂସଦ ସଂଜୟ ସିଂ ଗିରଫ ହେବା ପରେ ବିଜେପି ଆଜି ଆମ୍ ଆଦମୀ ପାର୍ଟି ସରକାର ବିରୁଦ୍ଧରେ ଏକ ବିକ୍ଷୋଭ ପ୍ରଦର୍ଶନ କରିଛି ।
- କେନ୍ଦ୍ର ଯୁବମନ୍ତ୍ରୀ ଅନୁରାଗ ଠାକୁର ଛତିଶଗଡ଼ର ରାୟପୁରଠାରେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବର ଶୁଭାରମ୍ଭ କରିଛନ୍ତି ।

ଏବଂ

- ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ଭାରତ ଏପର୍ଯ୍ୟନ୍ତ ୮୩ଟି ପଦକ ହାସଲ କରିଛି ।

---

# ପିଏମ୍-ରାଜସ୍ଥାନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ରାଜସ୍ଥାନ ହେଉଛି ଏଭଳି ଏକ ରାଜ୍ୟ, ଯେଉଁଠି ଭାରତର ପୁରାତନ ଗୌରବ ଏହାର ବୀରତ୍ୱ, ସମୃଦ୍ଧି ଓ ସଂସ୍କୃତିରେ ବଞ୍ଚି ରହିଛି । ଯୋଧପୁରଠାରେ ଏକ ସଭାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ପୁରାତନ ଗୌରବର ପ୍ରତିନିଧିତ୍ୱ କରୁଥିବା ରାଜସ୍ଥାନ ଭାରତର ଭବିଷ୍ୟତର ପ୍ରତିନିଧିତ୍ୱ କରିବା

ଉଚିତ । ସେ କହିଛନ୍ତି ସମଗ୍ର ରାଜ୍ୟ ବିକାଶର ଉଚ୍ଚ ଶିଖର ଛୁଇଁଲେ ଯାଇ ଏହା ସମ୍ଭବ ହେବ । ପ୍ରଧାନମନ୍ତ୍ରୀ କହିଛନ୍ତି କେନ୍ଦ୍ର ସରକାର ରାଜସ୍ଥାନର ସଡ଼କ ଓ ରେଳ ମୌଳିକ ଢ଼ାଞ୍ଚାର ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି ଓ ପ୍ରତ୍ୟେକ କ୍ଷେତ୍ରର ବିକାଶ ପାଇଁ ଉଦ୍ୟମ କରାଯାଉଛି । ସେ କହିଛନ୍ତି ଚଳିତ ବର୍ଷର ବଜେଟ୍‌ରେ ରାଜସ୍ଥାନରେ ରେଳବାଇ ପାଇଁ ୯ ହଜାର ୫୦୦ କୋଟି ଟଙ୍କା ଆବଣ୍ଟିତ ହୋଇଛି, ଯାହା ପୂର୍ବତନ ସରକାରମାନଙ୍କ ତୁଳନାରେ ୧୪ ଗୁଣା ଅଧିକ । ପ୍ରଧାନମନ୍ତ୍ରୀ ପୁଣି କହିଛନ୍ତି ସ୍ୱାଧୀନତାର ପରଠାରୁ ୨୦୧୪ ପର୍ଯ୍ୟନ୍ତ ରାଜସ୍ଥାନରେ ହାରାହାରି ୬୦୦ କିଲୋମିଟର ରେଳ ଲାଇନ୍‌ର ବିଦ୍ୟୁତିକରଣ କରାଯାଇଥିଲା । କିନ୍ତୁ ତାଙ୍କ ସରକାର ଗତ ୯ ବର୍ଷ ମଧ୍ୟରେ ୩ ହଜାର ୭୦୦ କିଲୋମିଟରରୁ ଅଧିକ ଲାଇନ୍‌ର ବିଦ୍ୟୁତିକରଣ କରିଛନ୍ତି । ସେ କହିଛନ୍ତି ରେଳ ଓ ସଡ଼କ ପ୍ରକଳ୍ପ ଗୁଡ଼ିକ ରାଜ୍ୟର ବିକାଶ ପାଇଁ ରାସ୍ତା ଖୋଲିଦେବ। ରେଳ ଲାଇନର ଦୋହରୀକରଣ ଯୋଗୁଁ ଟ୍ରେନ୍ ଗୁଡ଼ିକର ଚଳାଚଳ ସମୟ ବହୁମାତ୍ରାରେ ହ୍ରାସ ପାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି କିଛିଦିନ ପୂର୍ବେ ରୁନିଚା ଏକ୍ସପ୍ରେସ୍, ନିଉ ହେରିଟେଜ୍ ଟ୍ରେନ୍ ଓ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ କରିଛି । ପ୍ରଧାନମନ୍ତ୍ରୀ ୩ଟି ସଡ଼କ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ବିଷୟରେ ଉଲ୍ଲେଖ କରିଛନ୍ତି । ଯୋଧପୁର ବିମାନ ବନ୍ଦରର ନୂଆ ଟର୍ମିନାଲ୍ ଅଟ୍ଟାଳିକା ବିଷୟ ମଧ୍ୟ ସେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଆଜିର ଏହିସବୁ ପ୍ରକଳ୍ପ ଆଞ୍ଚଳିକ ଅର୍ଥନୀତିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଓ ପର୍ଯ୍ୟଟନ କ୍ଷେତ୍ରକୁ ସାହାଯ୍ୟ କରିବ ।

ପ୍ରଧାନମନ୍ତ୍ରୀ ୫ ହଜାର କୋଟି ଟଙ୍କା ସମ୍ବଳିତ ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓ ଉତ୍ସର୍ଗ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ସଡ଼କ, ରେଳ, ବିମାନ ଚଳାଚଳ, ସ୍ୱାସ୍ଥ୍ୟ ଓ ଉଚ୍ଚଶିକ୍ଷା କ୍ଷେତ୍ରର ପ୍ରକଳ୍ପମାନ ରହିଛି । ସେହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଯୋଧପୁର AIIMS ଠାରେ ୩୫୦ ଶଯ୍ୟା ବିଶିଷ୍ଟ ଟ୍ରମା ସେଣ୍ଟର ଓ କ୍ରିଟିକାଲ୍ କେୟାର ହସ୍ପିଟାଲ ବ୍ଲକ୍, ୭ଟି କ୍ରିଟିକାଲ୍ କେୟାର ବ୍ଲକ ଓ ଯୋଧପୁର ବିମାନ ବନ୍ଦର ନୂଆ ଟର୍ମିନାଲ୍ ଅଟ୍ଟାଳିକା ଅନ୍ତର୍ଭୁକ୍ତ । ସେ IIT ଯୋଧପୁର କ୍ୟାମ୍ପସ ଓ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ର ମୌଳିକ ଢ଼ାଞ୍ଚା ବିକାଶକୁ ଉତ୍ସର୍ଗ କରିଛନ୍ତି । ସେ ମଧ୍ୟ ଅନେକ ସଡ଼କ ପ୍ରକଳ୍ପକୁ ଉତ୍ସର୍ଗ କରିଛନ୍ତି ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ତାହା ମଧ୍ୟରେ ୧୪୫ କିଲୋମିଟର ଦୀର୍ଘ ଡେଗାନା-ରାଏ କା ବାଗ୍ ସଡ଼କ ଓ ୫୮ କିଲୋମିଟର ଦୀର୍ଘ ଡେଗାନା-କୁଚାମାନ୍ ସିଟି ରେଳ ଲାଇନ୍ ର ଦୋହରୀକରଣ ରହିଛି । ଶ୍ରୀ ମୋଦୀ ୨ଟି ନୂଆ ଟ୍ରେନ୍ ସେବାର ଶୁଭାରମ୍ଭ କରିଛନ୍ତି । ସେଗୁଡ଼ିକ ହେଲା- ରୁନିଚା ଏକ୍ସପ୍ରେସ୍ ଓ ନିଉ ହେରିଟେଜ୍ ଟ୍ରେନ୍ ।

## ଛତିଶଗଡ଼-ଅନୁରାଗ ଠାକୁର

କେନ୍ଦ୍ର ଯୁବମନ୍ତ୍ରୀ ଅନୁରାଗ ଠାକୁର ଛତିଶଗଡ଼ର ରାୟପୁରଠାରେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବର ଶୁଭାରମ୍ଭ କରିଛନ୍ତି । ନେହେରୁ ଯୁବକେନ୍ଦ୍ର ସଂଗଠନ ଦ୍ୱାରା ଏହାର ଆୟୋଜନ କରାଯାଇଛି । ଏହି ଅବସରରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି  ବିଶ୍ୱରେ ଭାରତର ସ୍ଥିତିକୁ ଆହୁରି ମଜବୁତ କରାଯିବ ଓ କ୍ରୀଡ଼ା, ସଂସ୍କୃତି ଏବଂ ଚଳଚ୍ଚିତ୍ର ମାଧ୍ୟମରେ ଏହା ସମ୍ଭବ ହେବ । ସେ କହିଛନ୍ତି ଭାରତୀୟ କ୍ରୀଡ଼ାବିତ୍‌ମାନେ ଏସୀୟ

କ୍ରୀଡ଼ାରେ ସେମାନଙ୍କର ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି । ପରିବେଶ, ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ନିଶାନିବାରଣ ଭଳି କୌଣସି ଏକ କ୍ଷେତ୍ରକୁ ବାଛିନେବାକୁ ସେ ଯୁବାମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏହିସବୁ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସକାଶେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯୁବାମାନଙ୍କର ଅଂଶ ଗ୍ରହଣ ସହ ଭାରତ ୨୦୪୭ ସୁଦ୍ଧା ଉନ୍ନତ ରାଷ୍ଟ୍ରରେ ପରିଣତ ହୋଇପାରିବ ।

ଦୁଇ ଦିନିଆ ଯୁବ ମହୋତ୍ସବ ଅମୃତକାଳର ୫ଟି ସଂକଳ୍ପ ଉପରେ ଛତିଶଗଡ଼ର ରାୟପୁରଠାରେ ଆୟୋଜିତ ହୋଇଛି ।

## ପିଏମ୍-ଆର୍ଚେରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳା ତୀର ଚାଳନା ପ୍ରତିଯୋଗୀମାନେ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଭାରତୀୟ ମହିଳା ତୀର ଚାଳନା ପ୍ରତିଯୋଗୀମାନେ କମ୍ପାଉଣ୍ଡ ଟିମ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଜ୍ୟୋତି ସୁରେଖା ବେନାମ, ପରିଣିତି କୌର ଓ ଆଦିତି ଗୋପୀଚାନ୍ଦଙ୍କର ପ୍ରଦର୍ଶନ ଦେଶକୁ ଗୌରବାନ୍ୱିତ କରିଛି । ସେ କହିଛନ୍ତି ଏହି ବିଜୟ ସେମାନଙ୍କ କ୍ରୀଡ଼ା ପ୍ରତିଭାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

# ବିଜେପି ପ୍ରୋଟେଷ୍ଟ୍

ଦିଲ୍ଲୀ ଅବକାରୀ ନୀତି ମାମଲାରେ ଆମ୍ ଆଦ୍‌ମୀ ପାର୍ଟି ସାଂସଦ ସଂଜୟ ସିଂ ଗିରଫ ହେବା ପରେ ବିଜେପି ଆଜି ଆମ୍ ଆଦମୀ ପାର୍ଟି ସରକାର ବିରୁଦ୍ଧରେ ଏକ ବିକ୍ଷୋଭ ପ୍ରଦର୍ଶନ କରିଛି । ପାର୍ଟି ନେତାମାନେ ରାଜଘାଟ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେଠାରେ ଦିଲ୍ଲୀର ବିଜେପି ସାଂସଦ ଓ ବିଧାୟକମାନେ ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠ ନିକଟରେ ପ୍ରାର୍ଥନା କରିଛନ୍ତି । ପାର୍ଟି ସାଂସଦ ପରବେଶ ବର୍ମା କହିଛନ୍ତି ମାଦକ ଦ୍ରବ୍ୟ ଦୁର୍ନୀତି ପଦାରେ ପଡ଼ିଛି ଓ ଜଣଙ୍କ ପରେ ଜଣେ ଆମ୍ ଆଦମୀ ପାର୍ଟି ନେତା ଜେଲ୍ ଯାଉଛନ୍ତି ।

ଇତିମଧ୍ୟରେ ଆମ୍ ଆଦମୀ ପାର୍ଟି କର୍ମୀମାନେ ସହରର ବିଭିନ୍ନ ଭାଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ପାର୍ଟି ନେତା ସଂଜୟ ସିଂ ଙ୍କୁ ED ଦ୍ୱାରା ଗିରଫ କରାଯାଇଥିବାରୁ ସେମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଦିଲ୍ଲୀ ସରକାରର ମନ୍ତ୍ରୀ ଅତୀଶି କହିଛନ୍ତି ତାଙ୍କ ପାର୍ଟି' ବିଜେପି ବିରୁଦ୍ଧରେ ସଂଗ୍ରାମ ଜାରି ରଖିବ ଓ ଦୁର୍ନୀତି ବିଷୟ ଉତ୍ଥାପନ କରିବ ।

---

# ରିଜିଜୁ ଭିଜିଟ୍

ଭୂ-ବିଜ୍ଞାନ ମନ୍ତ୍ରୀ କିରଣ ରିଜିଜୁ ମହାରାଷ୍ଟ୍ରର ସତାରା ଜିଲ୍ଲାର ମହାବଳେଶ୍ୱର ଠାରେ ଥିବା 'ହାଇ ଆଟିଟ୍ୟୁଡ୍ କ୍ଲାଉଡ୍ ଫିଜିକ୍ସ ଲାବୋରେଟୋରୀ' ପରିଦର୍ଶନ କରିଛନ୍ତି । ସେହି ଲାବୋରେଟୋରୀ ପୁଣେ ସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଟ୍ରପିକାଲ୍ ମେଟେରୋଲୋଜି ର ଏକ ଶାଖା ଭାବେ କାର୍ଯ୍ୟ କରୁଛି । ସେହି କେନ୍ଦ୍ରରେ ବର୍ଷା ଋତୁରେ ବାଦଲ

ଗୁଡ଼ିକର ଚଳନ ଉପରେ ଅଧ୍ୟୟନ କରାଯାଇଥାଏ । ତାଙ୍କର ଏହି ଗସ୍ତ ସମୟରେ ଶ୍ରୀ ରିଜିଜୁ ବିଭିନ୍ନ ବିଭାଗ ଓ କେନ୍ଦ୍ର ପରିଦର୍ଶନ କରି ସେଗୁଡ଼ିକର କାର୍ଯ୍ୟଶୈଳୀ ବିଷୟରେ ବୁଝିଛନ୍ତି । କେନ୍ଦ୍ରର ପ୍ରୋଜେକ୍ଟ ଡାଇରେକ୍ଟର ଡକ୍ଟର ଜି.ପଣ୍ଡି ଦ୍ବାରା ତାଙ୍କୁ ଗବେଷଣା କାର୍ଯ୍ୟ ବିଷୟରେ ସବିସ୍ତୃତ ତଥ୍ୟ ଦେଇଛନ୍ତି । ଶ୍ରୀ ରିଜିଜୁ ବୈଜ୍ଞାନିକମାନଙ୍କ ସହ ବାର୍ତ୍ତାଲାପ କରିଛନ୍ତି ।

## ଜାପାନ ଆର୍ଥକ୍ୱେକ୍

ଜାପାନରେ ୬ ଦଶମିକ ୬ ତୀବ୍ରତା ବିଶିଷ୍ଟ ଏକ ଭୂମିକମ୍ପ ଅନୁଭୂତ ହୋଇଛି । ଏହି ଭୂମିକମ୍ପ ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଅନୁଭୂତ ହୋଇଛି । ଇଜୁ ଶୃଙ୍ଖଳାର ଦ୍ବିପସୀମା ନିକଟରେ ଭୂପୃଷ୍ଠରୁ ୧୦ କିଲୋମିଟର ଗଭୀରରେ ଏହା ଉତ୍ପତ୍ତିସ୍ଥଳ ରହିଛି । ଜାପାନ ପାଣିପାଗ ବିଭାଗ ସମ୍ଭାବ୍ୟ ପ୍ରତିକମ୍ପନ ପାଇଁ ସତର୍କ ରହିବାକୁ ଲୋକମାନଙ୍କୁ ପରାମର୍ଶ ଦେଇଛି । ଏଥିପାଇଁ ସୁନାମୀ ସତର୍କତା ଜାରି କରାଯାଇଛି ଓ ଉପକୂଳବର୍ତ୍ତୀ ଇଲାକାର ଲୋକମାନଙ୍କୁ ଉଚ୍ଚସ୍ଥାନକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଛି । ୧ ମିଟର ଉଚ୍ଚତାର ଜୁଆର ଆସିବାର ପୂର୍ବାନୁମାନ କରାଯାଇଥିଲା, କିନ୍ତୁ ଇଜୁ ଦ୍ୱୀପରେ ୩୦ ସେଣ୍ଟିମିଟର ଉଚ୍ଚର ଜୁଆର ଆସିବାରୁ ଏହି ସତର୍କତା ପ୍ରତ୍ୟାହାର କରିନିଆଯାଇଛି । ସର୍ବଶେଷ ଖବର ମିଳିବା ସୁଦ୍ଧା କୌଣସି ଅସ୍ୱାଭାବିକ ଅଗ୍ନି ଉଦ୍‌ଗିରଣ ଘଟଣା ଘଟିନାହିଁ ।

# ଏସିଆନ୍ ଗେମ୍ସ

ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ଭାରତ ଏପର୍ଯ୍ୟନ୍ତ ୮୩ଟି ପଦକ ହାସଲ କରିଛି । ତାହା ମଧ୍ୟରେ ୨୦ଟି ସ୍ୱର୍ଣ୍ଣ, ୩୧ଟି ରୌପ୍ୟ ଓ ୩୨ଟି ବ୍ରୋଞ୍ଜ ପଦକ ରହିଛି । ପଦକ ତାଲିକାରେ ଭାରତ ବର୍ତ୍ତମାନ ଚତୁର୍ଥ ସ୍ଥାନରେ ଅଛି । ଏସୀୟ କ୍ରୀଡ଼ାରେ ଭାରତର ଏହା ଏପର୍ଯ୍ୟନ୍ତ ସର୍ବୋତ୍କୃଷ୍ଟ ପ୍ରଦର୍ଶନ । ପୂର୍ବରୁ ଅଷ୍ଟାଦଶ ଏସୀୟ କ୍ରୀଡ଼ାରେ ଭାରତ ସର୍ବୋମୋଟ୍ ୭୦ଟି ପଦକ ପାଇଥିଲା ।

ସ୍କ୍ୱାସରେ ଦୀପିକା ପାଲିକଲ୍ ଓ ହରିନ୍ଦର ପାଲ୍ ସିଂ ସାନ୍ଧୁଙ୍କୁ ନେଇ ଭାରତୀୟ ମିକ୍ସଡ୍ ଡବଲ୍ସ ଯୋଡ଼ି ମ୍ୟାଲେସିଆ ଯୋଡ଼ିଙ୍କୁ ହରାଇ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି ।

ତୀରଚାଳନାରେ ଭାରତର ଜ୍ୟୋତି ପରିଣିତ୍ ଓ ଆଦିତି ମହିଳା ଟିମ୍ କମ୍ପାଉଣ୍ଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ସେମାନେ ଚୀନ୍ ତାଇପେଇ କୁ ୨୩୦-୨୨୮ରେ ପରାସ୍ତ କରିଛନ୍ତି ।

ଅନ୍ୟପକ୍ଷରେ ଭାରତୀୟ ପୁରୁଷ କମ୍ପାଉଣ୍ଡ୍ ତୀରଚାଳନା ଟିମ୍ ଭୁଟାନ୍‌କୁ କ୍ୱାର୍ଟର ଫାଇନାଲ୍‌ରେ ହରାଇ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । କିନ୍ତୁ ୫୦ କିଲୋଗ୍ରାମ ମହିଳା କୁସ୍ତିରେ ପୂଜା ଗେହେଲତ୍ ସେମିଫାଇନାଲ୍‌ରେ କାନାଡା ଠାରୁ ହାରି ଯାଇଛନ୍ତି । ବର୍ତ୍ତମାନ ସେ ୫୭ କିଲୋଗ୍ରାମ ବର୍ଗରେ ବ୍ରୋଞ୍ଜ ପଦକ ପାଇଁ ଖେଳିବେ ।

ବ୍ୟାଡମିଣ୍ଟନରେ ଭାରତର ଏଚ୍.ଏସ୍. ପ୍ରଣୟ' ମ୍ୟାଲେସିୟାର ଲି ଜି ଜିୟା ଙ୍କୁ ହରାଇ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ଆଜି କୁସ୍ତିରେ ୪ଟି ବ୍ରୋଞ୍ଜ ପଦକ ପାଇଁ ଭାରତ ପ୍ରତିଯୋଗିତା କରିବ ।

ସ୍କ୍ୱାସ୍‌ରେ ସୌରଭ ଘୋଷାଲ୍ ପୁରୁଷ ସିଙ୍ଗିଲ୍‌ସରେ ସ୍ୱର୍ଣ୍ଣପଦକ ବିଜୟୀ ହେବାର ଆଶା ରଖିଛନ୍ତି ।

ମହିଳା ହକି ଟିମ୍ ମଧ୍ୟ ବର୍ତ୍ତମାନ ଚୀନ୍ ବିପକ୍ଷରେ ସେମିଫାଇନାଲ୍ ଖେଳୁଛି ।

.......................................................................................